# କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ଇସ୍ତଫା ପରେ ଅନାସ୍ଥା ଭୋଟ

## ବ୍ଲକ୍ ଗଠନର ୬୫ ବର୍ଷ ପରେ ପ୍ରଥମ ଅନାସ୍ଥା

କୁନ୍ଦୁରା,୪।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ଅନାସ୍ଥା ପୂର୍ବରୁ ଶୁକ୍ରବାର ଇସ୍ତଫା ଦେଇଥିଲେ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଭୋଟିଂ ପ୍ରକ୍ରିୟା କରାଯାଇଛି। ୧୯।୯।୨୦୨୫ ପ୍ରେରିତ ହୋଇଥିବା ଜୟପୁର ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୭୮୫୭/୨୫ ଅନୁସାରେ କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଓ ଅନାସ୍ଥା ଭୋଟ ହୋଇଥିଲା। ଏଥିରେ କୁନ୍ଦୁରା ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ ୧୪ ପଞ୍ଚାୟତର ୧୪ ସରପଞ୍ଚ ଓ ୧୪ ସମିତିସଭ୍ୟ ଅନାସ୍ଥା ପ୍ରସ୍ତାବରେ ମତଦାନ କରିଥିଲେ। କୁନ୍ଦୁରା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜଗତସିଂହ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ଟିମ୍ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିଥିଲେ। କୁନ୍ଦୁରା ବ୍ଲକ ଗଠନର ୬୫ ବର୍ଷ ପରେ ଏହା ପ୍ରଥମ ଅନାସ୍ଥା ଭୋଟ ଥିଲା। ଏହି ଅନାସ୍ଥା ଭୋଟିଂ ପ୍ରକ୍ରିୟାକୁ କେତେଜଣ ଲୋକ ଗ୍ରହଣ କରି ନ ଥିବା ଦେଖିବାକୁ ମିଳିଛି।


କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଦେବାକୁ ଆସିଥିବା ୨୮ ସରପଞ୍ଚ ଓ ସମିତିସଭ୍ୟମାନେ।

ସୂଚନାନୁଯାୟୀ, ଅଧ୍ୟକ୍ଷା ପରଜା ଶୁକ୍ରବାର ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ କୁନ୍ଦୁରା ବିଡିଓ ପି.ମନସ୍ୱିତାଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଇସ୍ତଫା ପତ୍ର ଦେବା ପରେ ଅନାସ୍ଥା ଭୋଟିଂ କରାଯିବା ଜିଲା ପ୍ରଶାସନର ତ୍ରୁଟି ବୋଲି ଅଧ୍ୟକ୍ଷା ପରଜା କହିଛନ୍ତି। କିନ୍ତୁ ତହସିଲଦାର ନାୟକ ଏହାକୁ ଖଣ୍ଡନ କରିଛନ୍ତି। ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୪୬(ବି) ଅନୁସାରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସେପ୍ଟେମ୍ବର ୧୯ ତାରିଖରେ ଶନିବାର ଭୋଟିଂ ହେବା ନେଇ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ହୋଇସାରିଥିଲା। ବ୍ଲକ ଅଧ୍ୟକ୍ଷା ଦିନକ ପୂର୍ବରୁ ଇସ୍ତଫା ଦେଇଛନ୍ତି। ଏହି ପତ୍ର ଜିଲା ପଞ୍ଚାୟତିରାଜ ଅଫିସରଙ୍କ ମାଧ୍ୟମରେ ଜିଲାପାଳଙ୍କ ନିକଟକୁ ଯାଇ ଗୃହୀତ ହେବା ପରେ ତାକୁ କାର୍ଯ୍ୟକାରୀ କରାଯାଇପାରିବ। ଏହା ୨ରୁ୩ ଦିନର ପ୍ରକ୍ରିୟା ହୋଇଥିବାରୁ ବ୍ଲକ ଅଧ୍ୟକ୍ଷାଙ୍କ ଇସ୍ତଫା ଦେବା ସତ୍ତ୍ୱେ ଅନାସ୍ଥା ଭୋଟିଂ କରାଯାଇଛି ବୋଲି ତହସିଲଦାର କହିଛନ୍ତି।

ବୈଠକରେ ନବରଙ୍ଗପୁର ବିଜେଡି ନେତା ପ୍ରଦୀପ ମାଝୀ, କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, କୁନ୍ଦୁରା ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲିକ,ବରିଷ୍ଠ ବିଜେଡି ନେତା ନରେନ୍ଦ୍ର ପ୍ରଧାନ, ଜୟପୁର ନିର୍ବାଚନ ମଣ୍ଡଳୀ ବିଜେଡି ନେତା ଧର୍ମେନ୍ଦ୍ର ଅଧିକାରୀ ଏବଂ ସ୍ଥାନୀୟ ରାଜନେତା ଓ କର୍ମୀ ଉପସ୍ଥିତ ଥିଲେ। ନୂତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପୂରଣ ନ ହେବା ଯାଏ ଉପାଧ୍ୟକ୍ଷ କାର୍ଯ୍ୟ ସମ୍ପାଦନ କରିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପଟ୍ଟାଙ୍ଗି,୪।୧୦(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସମ୍ପାଇ ପଞ୍ଚାୟତର ଦେବତାଗୁଡା ଗ୍ରାମର ଦୁର୍ଘଟଣାରେ ଗୁରୁତର ଥିବା ଜଣେ ମହିଳା ଲାଛମା ହନ୍ତାଲଙ୍କ ଜିଲା ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ଏ ନେଇ ପଟ୍ଟାଙ୍ଗି ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଲଛମା ଗତ ୨ ତାରିଖରେ ଗାଁ ନିକଟ ଚାଷ ଜମିରେ ଗାଈଗୋରୁଙ୍କୁ ଖାଇବାକୁ ଦେଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ବର୍ଷା ଯୋଗୁ ଦୁର୍ଘଟଣା କରିଥିବା ଗାଡ଼ି ପରିବାର ଲୋକେ ଧରିପାରି ନ ଥିଲେ। ଲଛମାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ପୁକାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ୨ଦିନ ହେବ ଚିକିତ୍ସାଧୀନ ଥିଲେ। ଏହାପରେ ତାଙ୍କ ପୁଅ ଆପାନା ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ଖରା, ଜିଲା ଟେଲିକମ୍ ବିଭାଗର ସଦସ୍ୟ ଗୋବିନ୍ଦ ଖରା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀ, ରବିନ୍ଦ୍ର ପୂଜାରୀ ଏ. ମୁରଲୀ ଧର ଖରାଙ୍କ ସହାୟତାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବୈପାରୀଗୁଡା,୪।୧୦(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡା ଥାନା ଅଧୀନ ବୋଦାପୁଟ ପଞ୍ଚାୟତର ପାଣ୍ଡ୍ରିଗୁଡା ଗ୍ରାମର ଜଣେ ୧୨ ବର୍ଷୀୟ ନାବାଳକଙ୍କ ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଅଶୋକ ଦିଶାରୀ। ସୂଚନାନୁଯାୟୀ, ଅଶୋକ ଶନିବାର ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଅସାବଧାନତାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈପାରୀଗୁଡ଼ା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ନଂ. ୩୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅଶୋକ ଚତୁର୍ଥ ଶ୍ରେଣୀ ପଢୁଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୪।୧୦(ପବନ ପାଣିଗ୍ରାହୀ)

ଜୟପୁର ଗୋପବନ୍ଧୁ ନଗରର ଜଣେ ଯୁବକ ଶନିବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗୋପବନ୍ଧୁ ନଗର ହରି ନାୟକ(୨୯)। ହରି ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜୟପୁର ଟାଉନ ଥାନାରେ ନଂ୨୩/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁଚନାନୁଯାୟୀ, ହରିଙ୍କ ନିଜ ଘର ବ୍ରହ୍ମପୁର ହୋଇଥିବା ବେଳେ ଜୟପୁରରେ ମାଛ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଦେବୋତ୍ତର ବିଭାଗର ଆଡ୍‌ଭାଇଜରି କମିଟି ଗଠନ ନେଇ ବୈଠକ

ପଟ୍ଟାଙ୍ଗି,୪।୧୦(ଶରତ କୁମାର ଧଳ)

କୋରପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଭାଗୃହରେ ଦେବୋତ୍ତର ବିଭାଗର ୩ ବର୍ଷ ଧରି ଅଟକିଥିବା ଆଡ୍‌ଭାଇଜରି କମିଟି ଗଠନ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଧାୟକ ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ। ଦେବୋତ୍ତର ଆଡଭାଇଜରି କମିଟିର କାର୍ଯ୍ୟ ସମ୍ପର୍କରେ ବ୍ଲକ୍ ସଦର ମହକୁମାର ଲୋକଙ୍କୁ ବୁଝାଇଥିଲେ। ଚୟନହେବାକୁ ଥିବା ସଦସ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ ବୋଲି କହିବା ସହ କମିଟି ପାଇଁ ନାମ ପ୍ରସ୍ତାବ ଦେବାକୁ ଆହ୍ୱାନ ଦେଇଥିଲେ। ନନ୍ଦପୁର ପଟ୍ଟାଙ୍ଗି ଦେବୋତ୍ତର ଅଧୀନ ୨୮ ମନ୍ଦିରର ରକ୍ଷଣାବେକ୍ଷଣ କମିଟିର ମୁଖ୍ୟ ଦାୟିତ୍ୱ ରହିବ। କମିଟିର ପ୍ରସ୍ତାବକ୍ରମେ ଦେବୋତ୍ତର ଅଧୀନରେ ନ ଥିବା ମନ୍ଦିରକୁ ମଧ୍ୟ ଯୋଡ଼ିହେବ ବୋଲି କହିଥିଲେ। ୨୫ ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ ହେବ। ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରୁ ୧୩ଜଣ ରହିବାକୁ ସରକାରଙ୍କ ଚିଠିରେ ଉଲ୍ଲେଖ ରହିଛି। ତହସିଲଦାର ଧାରୁଆଙ୍କ ପ୍ରସ୍ତାବକ୍ରମେ ବିଧାୟକ କାଡାମ, ଦିଲୀପ କୁମାର ହୋତା, ପୂର୍ବତନ ସରପଞ୍ଚ ଭଗବାନ ଖରା, ପ୍ରଭାକର ସାହୁ, ଲକ୍ଷ୍ମଣ ସାହାଣୀ, ଅର୍ଜୁନ ବାଙ୍କା, ରଞ୍ଜିତ ପାଣିଗ୍ରାହୀ, ଜି.କୋଟେଶ୍ୱର ରାଓ, ପ୍ରତାପ ଚୌଧୁରୀ, କିରଣ ଚୌଧୁରୀ ଓ ଚନ୍ଦ୍ରଶେଖର ଚୌଧୁରୀ ପ୍ରମୁଖ ଉକ୍ତ କମିଟିର ସଦସ୍ୟ ଭାବେ ନାଁ ଆସିଥିବା ପ୍ରସ୍ତାବକୁ ବୈଠକରେ ପାରିତ କରାଯାଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିରର ବିଭିନ୍ନ ସ୍ଥାନରେ ଥିବା ଜମିକୁ ଚିହ୍ନଟକରି ଅନୁଦାନ ଆସିବା ନେଇ ଆଲୋଚନା ହୋଇଥିଲା। ବିଧାୟକ କାଡାମ ଜମି ଚିହ୍ନଟ କରିବାକୁ ତହସିଲଦାର ଧାରୁଆଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ମନ୍ଦିର ଏବଂ ଶିବ ମନ୍ଦିର ପୁରୁଣା ହୋଇଥିବାରୁ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷାପାଣି ଗଳୁଥିବା ଓ ଏହାକୁ ଅତିଶୀଘ୍ର ମରାମତି କରିବା ଆବଶ୍ୟକ ବୋଲି କିରଣ ଚୌଧୁରୀ ବିଧାୟକ କାଡାମଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ନିଜସ୍ୱ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ସହମତି ଦେଇଥିଲେ। ବୈଠକରେ ବିଡିଓ ରାମକ୍ରିଷ୍ଣା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ଦେବୋତ୍ତର ବିଭାଗର ସଦସ୍ୟମାନେ।

# ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ

ଜୟପୁର,୪।୧୦(ପବନ ପାଣିଗ୍ରାହୀ)

ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ଜିଲା କଂଗ୍ରେସ ପକ୍ଷରୁ ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନର ଶନିବାର ଶୁଭାରମ୍ଭ ହୋଇଛି। ଏଥି ସହ ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲା ସଭାପତି ରୁପକ ତୁରକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅଭିଯାନରେ ଜିଲାର ୧ ଲକ୍ଷ ଲୋକଙ୍କ ଦସ୍ତଖତ ସଂଗ୍ରହ କରି ପିସିସିଙ୍କୁ ପଠାଯିବ। ଏଆଇସିସି ଏହାକୁ ସଂଗ୍ରହ କରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯିବ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି। ସମଗ୍ର ଦେଶର ପ୍ରତି ଜିଲା, ନିର୍ବାଚନ ମଣ୍ଡଳୀରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ବାହିନୀପତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ଜିଲା ସଭାପତି ରୁପକ ତୁରୁକ, ପର୍ଯ୍ୟବେକ୍ଷକ ଭରତ ଭୁଷଣ ବେନାଲ, ଅଖିଳ ଭଦ୍ରା, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ମଦନ ମୋହନ ନାୟକ ସହ ଜିଲାର ବିଭିନ୍ନ ସଂଗଠନର ନେତା କର୍ମୀ, ଯୁବ ଛାତ୍ର, ମହିଳା ଓ କଂଗ୍ରେସର ସଦସ୍ୟମାନେ ଉପସ୍ଥିତ ଥିଲେ।


ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

## ଅବକାରୀ ବିଭାଗର ଚଢ଼ାଉ

କୋରାପୁଟ,୪।୧୦(ଅମିତାଭ ବେହେରା)

କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅଧୀନ ଡେଙ୍ଗାଜାନିଗୁଡା ଗ୍ରାମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୩୦ ଲିଟର ମଦ ଓ ୨୧୦୦ ଲିଟର ପୋଚ ଜବତ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ପ୍ରକାଶ କରିଛନ୍ତି। କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏସ୍ଆଇ ରାଜୁ କୁମାର କ୍ଷିତି, ଏଏସ୍ଆଇ ସୁଶାନ୍ତ କୁମାର ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ ମଦ ପ୍ରସ୍ତୁତକାରୀ ସେଠାରୁ ଚମ୍ପଟ ମାରିଥିଲେ। ଟିମ ପକ୍ଷରୁ ୧୩୦ ଲିଟର ଦେଶୀ ମଦ ସହ ବହୁ ପ୍ଲାଷ୍ଟିକ ଜାରରେ ଥିବା ୨୧୦୦ ଲିଟର ପୋଚ ନଷ୍ଟ କରାଯାଇଛି। ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ଜାର ଜବତ କରାଯାଇଛି। ଏହି ଚଢ଼ାଉରେ ବିଭାଗୀୟ ଟାସ୍କ ଫୋର୍ସର ସଦସ୍ୟମାନେ ସାମିଲ ହୋଇଥିଲେ।

## ଆରଏସ୍ଏସ୍‌ର ଶତବାର୍ଷିକୀ ପାଳିତ

କୋରାପୁଟ,୪।୧୦(ଅମିତାଭ ବେହେରା)

କୋରାପୁଟ ସାଂସ୍କୃତିକ ପରିଷଦ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ନଗର ଦଣ୍ଡକାରଣ୍ୟ ଶାଖା ପକ୍ଷରୁ ଶତବାର୍ଷିକୀ ପାଳିତ ହୋଇଛି। ଏଥିରେ କୋରାପୁଟ ନଗରର ବରିଷ୍ଠ ନାଗରିକ ନବୀନ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ସଂଘର ଚାଳକ ମୋହନ ଭାଗବତଙ୍କ କଥାକୁ ଦୋହରେଇ ସ୍ୱଦେଶୀ, କୁଟୁମ୍ବ ପ୍ରବୋଧନ, ସାମାଜିକ ସମରସତା ଓ ନାଗରିକ ଶିଷ୍ଟାଚାର ପରିବର୍ତ୍ତନ ଦ୍ୱାରା ଭାରତ ବୈଭବିଶାଳୀ ହୋଇପାରିବ ବୋଲି କହିଥିଲେ। ସଂଘର ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ସଂଘର ୧୦୦ ବର୍ଷର ଯାତ୍ରା ନେଇ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଯୋଗ, ବ୍ୟାୟାମ ଆଦି ଶାରୀରିକ ପ୍ରଦର୍ଶନ କରାଯାଇଥିଲା। କୋରାପୁଟ ନଗର କାର୍ଯ୍ୟବାହ ବିଭୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଶିକ୍ଷକ ଲୋକେଶ୍ୱର ରାଓ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମନୋରଞ୍ଜନ ରାଉତରାୟ, ଜୟନ୍ତ ମହାରଣା, ସୁରଥ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ଗୋଡ଼ ଖସି ଯୁବକଙ୍କ ମୃତ୍ୟୁ

ଜୟପୁର,୪।୧୦(ପବନ ପାଣିଗ୍ରାହୀ)

ଜୟପୁର ଦେଇ ଯାଇଥିବା ମୁଖ୍ୟ କେନାଲରେ ଗୋଡ ଖସି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଇରିଗେସନ କୋଲନୀର ଧରମ ଜିତ ସିଂ(୩୧)। ସୁଚନାନୁଯାୟୀ, ଧରମ କୌଣସି କାରଣରୁ ମୁଖ୍ୟ କେନାଲରେ ପଡ଼ିଯାଇଥିଲେ। ଖବର ପାଇ ଜୟପୁର ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ। ମୁଖ୍ୟ କେନାଲର ଡଙ୍ଗାଗୁଡା ନିକଟରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୟପୁର ଟାଉନ ଥାନାରେ ଶନିବାର ୨୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ପାର୍କ ମଧ୍ୟରେ ପୋଖରୀର ଭ୍ରମ



ସୁନାବେଡ଼ା ୧୮ ନଂ. ୱାର୍ଡ ଭେଣ୍ଡିଂ ଜୋନ୍ ନିକଟ ପାର୍କ।

## ଉଦ୍‌ଘାଟନ ଦିନଠାରୁ ଖୋଲୁନି ପାର୍କ

ସୁନାବେଡା,୪।୧୦(କୃତ୍ତିବାସ ପ୍ରଧାନ)

ଜୁଲାଇ ମାସରେ ଉଦ୍‌ଘାଟନ ହୋଇଥିବା ସୁନାବେଡ଼ା ୧୮ ନଂ. ୱାର୍ଡ ଭେଣ୍ଡିଂ ଜୋନ୍ ନିକଟ ପାର୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ମଧ୍ୟଭାଗରେ ପୋଖରୀର ଭ୍ରମ ସୃଷ୍ଟି ହୋଇଛି। ପାର୍କର ଚାରିପାଖ ଅନାବନା ଗଛଲତା ସହ ଅଳିଆ ଆବର୍ଜନାରେ ଭରି ରହିଛି। ଉଦ୍‌ଘାଟନ ହେବା ଦିନଠାରୁ ଦିନେ ମଧ୍ୟ ପାର୍କର ତାଲା ଖୋଲାଯାଇ ନ ଥିବା ସୂଚନା ମିଳିଛି। ପାର୍କ ନିର୍ମାଣରେ ପୌର ପ୍ରଶାସନ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ତଥ୍ୟରୁ ଜଣାପଡ଼ିଛି। ଏହା ସତ୍ତ୍ୱେ ପାର୍କ ନ ଖୋଲିବା ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ଏହି ପାର୍କକୁ ଲାଗି ରହିଥିବା ସାପ୍ତାହିକ ହାଟରେ ପ୍ରଶାସନ ପଥରଗୁଣ୍ଡ ପକାଉ ନ ଥିବା ଅଭିଯୋଗ ହୋଇଛି। ହାଟକୁ ବ୍ୟବସାୟ କରିବାକୁ ଆସୁଥିବା ଲୋକେ ମାଟି କାଦୁଅ ଯୋଗୁ ହଇରାଣ ହେଉଛନ୍ତି । ଏ ସମ୍ପର୍କରେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ପାର୍କର ଆଉ କିଛି କାମ ବାକି ଅଛି। ବର୍ଷା ଛାଡ଼ିଲେ ସେ କାମ ହେବ। ସବୁକାମ ସରିବା ପରେ ଦୈନିକ ୨ ଓଳି ଜନସାଧାରଣଙ୍କ ପାଇଁ ଖୋଲା ଯିବ ବୋଲି ପାତ୍ର କହିଛନ୍ତି। ଏଥିସହ କିଛିଦିନ ପୂର୍ବରୁ ଜିଲାପାଳ, ପୌର ପ୍ରଶାସନ ସହ ଭେଣ୍ଡିଂ ଜୋନ୍ ବୁଲି ଦେଖିଛନ୍ତି। ଭେଣ୍ଡିଂ ଜୋନ୍‌ରେ ପେଭର ବ୍ଲକ୍ ପକାଯିବ। ସମସ୍ତ ବ୍ୟବସାୟୀ ଭେଣ୍ଡିଂ ଜୋନ୍ ଭିତରେ ବ୍ୟବସାୟ କରିବେ ବୋଲି ସେ କହିଛନ୍ତି।

# ଡ୍ରେନ୍ ନ ଥିବାରୁ ରାସ୍ତାରେ ଭାସୁଛି ପାଣି


ରାସ୍ତାରେ ବର୍ଷା ପାଣି ପ୍ରବାହିତ ହେଉଛି।

## କାଦୁଅରାସ୍ତା ଯୋଗୁ ଯାତାୟାତରେ ଅସୁବିଧା

ନନ୍ଦପୁର,୪।୧୦(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାର ନୂଆସାହିରେ ରାସ୍ତା ଓ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ବର୍ଷା ଜଳ ଜମି କାଦୁଅ ହେବା ସହ ଲୋକଙ୍କୁ ଯାତାୟାତରେ ଅସୁବିଧା ହେଉଛି। ପଞ୍ଚାୟତ ବ୍ଲକ ପ୍ରଶାସନ ନିରବତା ଅବଲମ୍ବନ କରୁଥିବା ଓ ଲୋକେ ଅପରିଷ୍କାର ବାତାବରଣରେ ରହୁଥିବା ଅଭିଯୋଗ କରିଛନ୍ତି। ବର୍ଷା ପାଣି ଜମା ହେବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ପାନୀୟ ଜଳ ଟ୍ୟାପ ପାଇପ ଫାଟି ରାସ୍ତାରେ ପାଣି ପ୍ରବାହିତ ହେଉଛି। କାଦୁଅ ରାସ୍ତାରେ ଲୋକେ ନନ୍ଦପୁର ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସିଡିପିଓଙ୍କ କାର୍ଯ୍ୟାଳୟ, ଶିଶୁ ମନ୍ଦିରକୁ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତା ପାର୍ଶ୍ୱ ଗୃହରେ ନୂତନ ଷ୍ଟେଟ ବ୍ୟାଙ୍କ୍ ଶାଖା ଖୋଲାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପାଇପ ମରାମତି, ସାହି ରାସ୍ତା ଓ ୨ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ୭୦ରୁ ଉର୍ଦ୍ଧ୍ୱ ପରିବାର ଅନୁରୋଧ କରିଛନ୍ତି। ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି।

# ବର୍ଷା ଯୋଗୁ ୧୧୭୧ ହେକ୍ଟର ଜମିର ମକାଚାଷ ନଷ୍ଟ

## ସରକାରୀ ସହାୟତା ଅପେକ୍ଷାରେ ଚାଷୀ

ବନ୍ଧୁଗାଁ,୪।୧୦(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ବର୍ଷା ଯୋଗୁ ଶତାଧିକ ଏକର ଜମିର ମକା ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ୧୩ ପଞ୍ଚାୟତର ଚାଷୀ ଧାର କରଜ କରି ଜମିରେ ମକା ଚାଷ କରିଥିଲେ। ଏଥିରୁ ରୋଜଗାର କରିବା ସହ ଋଣ ଶୁଝିବା ଆଶା ରଖିଥିବା ବେଳେ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ସ୍ୱପ୍ନକୁ ଧୋଇ ଦେଇଛି। ମଣ୍ଡି ବ୍ୟବସ୍ଥା ନ ଥିବାରୁ ଦଲାଲ ହିଁ ସେମାନଙ୍କ ଏକମାତ୍ର ଭରସା। ବ୍ଲକର ୧୩ ପଞ୍ଚାୟତ ମଧ୍ୟରୁ କିଛି ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଥିବା ବେଳେ ଅଧିକାଂଶରେ ନାହିଁ। ବିକ୍ରି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଲେମନ ଗ୍ରାସ୍ ଚାଷ କରି କ୍ଷତି ସହୁଛନ୍ତି। ଏଥିରେ ହତାଶ ହୋଇ ମକା ଚାଷ କରିଥିଲେ। କିନ୍ତୁ ବର୍ଷା ସହ ପବନ ଯୋଗୁ ମକା ଗଛ ତଳେ ପଡି ନଷ୍ଟ ହୋଇଛି। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବ୍ଲକରେ ଚଳିତ ବର୍ଷ ୧୧୭୧ ହେକ୍ଟର ଜମିରେ ମକା ଚାଷ କରାଯାଇଛି। ମକା ଚାଷୀଙ୍କ ପାଇଁ ମକା ଶୁଖାଇବା ଏବଂ ମଣ୍ଡି ବ୍ୟବସ୍ଥା ନ ଥିବାରୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ମକା ମଣ୍ଡି ପାଇଁ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉନାହିଁ। ଚାଷୀମାନେ ଆନ୍ଧ୍ରର ଦଲାଲଙ୍କୁ ବିକ୍ରି କରନ୍ତି। କେତେଜଣ ଚାଷୀ ଘରୋଇ ଋଣ କରିଥିବା ବେଳେ ଅନ୍ୟ କେହି ସରକାରୀ ଋଣ କରି ମକା ଚାଷ କରିଥିବା ଆଲୋମଣ୍ଡାର ଆରତୀ ଡିର୍ନାଥା,ଦାଲାଇ ଶ୍ରୀନୁ,ମିଟ୍ରିଡି ରାମକୃଷ୍ଣ,ରୁଙ୍କାନା ବିଜୟ କୁମାର, ବଛା ଲାଚାନା ରାଓ,ଡାଡି ନାଗଭୂଷଣ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସ୍ଥିତିରେ ଚାଷୀ ସରକାରୀ ସହାୟତା ଅପେକ୍ଷାରେ ଥିବା କହିଛନ୍ତି।


ମକା ଗଛ ପବନରେ ତଳେ ପଡ଼ିଯାଇଛି।

## ବୃଦ୍ଧଙ୍କ ମୃତଦେହ ଜବତ

ପଟ୍ଟାଙ୍ଗି,୪।୧୦(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ରାଲେଗଡା ପଞ୍ଚାୟତ ସଦର ମହକୁମାସ୍ଥିତ ମିଶନଶକ୍ତି ଗୃହ ନିକଟ ଏକ ଘର ବାରଣ୍ଡାରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ପଟ୍ଟାଙ୍ଗି ପୋଲିସ ପହଞ୍ଚି ମୃତଦେହ ଜବତ କରି ଚିହ୍ନଟ ପାଇଁ ଜିଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରି ତଦନ୍ତ ଜାରି ରଖିଛି। ସୂଚନାନୁଯାୟୀ, ସଦର ମହକୁମା ଗ୍ରାମବାସୀଙ୍କ କହିବା ଅନୁସାରେ କିଛି ଦିନ ହେବ ଜଣେ ବୃଦ୍ଧ ବୁଲାବୁଲି କରି ସେହି ବାରଣ୍ଡାରେ ଶୋଉଥିଲେ। କିନ୍ତୁ ସେ ବହୁ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲା। ବୃଦ୍ଧଙ୍କ ବୟସ ପ୍ରାୟ ୫୦ରୁ ୫୩ ବର୍ଷ ହେବା ସୂଚନା ମିଳିଛି। ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଚିହ୍ନଟ ପାଇଁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରା ଯାଇଥିବା କହିଛି। ସୂଚନା ଯେ, ବୃଦ୍ଧଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଥିଲା।

# ରାବଣ ପୋଡ଼ି ସହ ଆତସବାଜିରେ ଜୟପୁର ପ୍ରକମ୍ପିତ

## ଅପରାଜିତା ପୁସ୍ତକ ଲୋକାର୍ପଣ

ଜୟପୁର, ୪।୧୦ (ପବନ ପାଣିଗ୍ରାହୀ)

ଜୟପୁର ଦଶହରା ପଡ଼ିଆରେ ଐତିହାସିକ ଦଶହରା ପର୍ବ ପାରମ୍ପରିକ ରୀତିନୀତି ଅନୁସାରେ ଶନିବାର ସମାପ୍ତ ହୋଇଛି। ଶୁକ୍ରବାର ଅପରାଜିତା ପୂଜା ପରେ ଦଶହରା ପୂଜା ସମାପ୍ତ ହୋଇଥିଲା। ବର୍ଷା ହେବାରୁ ରାବଣ ପୋଡି ଓ ଆତସବାଜୀ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଶନିବାର ରାତି ୮ଟାରେ ଦଶହରା ପଡିଆରେ ରାବଣ ପୋଡି, ଆତସବାଜୀ ସହ ଅପରାଜିତା ପୁସ୍ତକ ଲୋକାର୍ପଣ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କୋରାପୁଟ ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ପାର୍ଥ କଶ୍ୟପ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ। ଆତସବାଜୀରେ ସହର ମୁଖରିତ ହୋଇଥିଲା।


ଜୟପୁର ଦଶହରା ପଡ଼ିଆରେ ରାବଣ ପୋଡ଼ି କରାଯାଉଛି।

# ଘୋଷଣା ହୋଇନି ଭାଜପାର ୧୨ ମଣ୍ଡଳ ସଭାପତିଙ୍କ ନାମ

**ଚିନ୍ତାରେ ଦଳୀୟ କର୍ମୀ, ଶୀଘ୍ର ଚୟନ ନେଇ ଦାବି**

ରାୟଗଡ଼ା, ୪।୧୦(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ଦଳ ୨୦୨୪ରେ ଏକାକି ସରକାର ଗଠନ କରିଛି। କିନ୍ତୁ କୋରାପୁଟ ଲୋକସଭା କ୍ଷେତ୍ରର ୭ଟି ବିଧାନସଭା ଆସନ ମଧ୍ୟରୁ କେବଳ କୋରାପୁଟ ଆସନରେ ଭାଜପା ବାଜିମାତ କରିଛି। ବଳକା ୬ ଟି ବିଧାନସଭାରେ କଂଗ୍ରେସ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏଭଳିକି ୨୦୧୯ରେ ମାତ୍ର ୩୬୧୩ ଭୋଟରେ ଆଗୁଆ ରହି କୋରାପୁଟ ଏମ୍‌ପି ହୋଇଥିବା ସପ୍ତଗିରି ଶଙ୍କର ଉଲାକା ୨୦୨୪ରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ଆଗୁଆ ରହି ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ। କୋରାପୁଟ ଜିଲାର ପଟ୍ଟାଙ୍ଗୀ, ଜୟପୁର, ଲକ୍ଷ୍ମୀପୁର ଓ ରାୟଗଡା ଜିଲାର ରାୟଗଡ଼ା, ବିଷମକଟକ ଓ ଗୁଣପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ଏମ୍‌ପି ସପ୍ତଗିରିଙ୍କ ଗୋଟି ଚାଳନା ଆଗରେ ଗଡ଼ କରି ରଖିଥିବା ବିଜେଡି ସମେତ ଭାଜପା ଦଳର ବରିଷ୍ଠ ନେତାଙ୍କ ରଣନୀତି ଏଠାରେ କିଛି କାମ ଦେଲାନି। ତେବେ ରାଜ୍ୟରେ ସରକାର ଗଠନ ପରେ ଭାଜପା ଦଳ ପକ୍ଷରୁ ରାୟଗଡ଼ା ଜିଲାରେ ସଙ୍ଗଠନ ଦାୟିତ୍ୱରେ ପରିବର୍ତ୍ତନ କରାଯାଇ ନୂତନ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଦଳର ଜଣେ କର୍ମୀ ତଥା ପୂର୍ବତନ ଜିଲା ଉପସଭାପତି ଏମ୍.ଗୋପୀ ଆନନ୍ଦଙ୍କୁ ରାଜ୍ୟ ନେତୃବୃନ୍ଦ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରିଥିଲେ। ଗୋପୀ ଆନନ୍ଦ ସଭାପତି ଦାୟିତ୍ୱ ନେଇ ୬ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ତଥାପି ୨୫ଟି ମଣ୍ଡଳ ସଭାପତି ମଧ୍ୟରୁ ୧୨ଟିରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇନାହିଁ। ଗୋପୀଙ୍କ ଜିଲା ସଭାପତି ନାମ ଘୋଷଣା ପୂର୍ବରୁ ପୂର୍ବତନ ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ନେତୃତ୍ୱରେ ୧୩ ମଣ୍ଡଳ ସଭାପତି ପାଇଁ ନାମାଙ୍କନ ସରିଥିଲା। କିନ୍ତୁ ଏଯାବତ କିଛି ନାମ ଘୋଷଣା ନହୋଇ ରହିଛି।

ଭାଜପାର ରାୟଗଡ଼ା ଜିଲାରେ ରହିଥିବା ୨୫ଟି ମଣ୍ଡଳ ମଧ୍ୟରୁ ଅଦ୍ୟାବଧି ଗୁଣପୁର ନିର୍ବାଚନ ମଣ୍ଡଳୀ ଅଧୀନ କୁଜେନ୍ଦ୍ରି, ଗୁଡାରରନଗର, ଗୁଡାରି ଗ୍ରାମୀଣ, ପଦ୍ମପୁର, ଡମ୍ବସରା, ଚନ୍ଦ୍ରପୁର, ଗୁଣପୁର ନଗର, ଗୁଣପୁର ଗ୍ରାମୀଣ, ଜଗନ୍ନାଥପୁରରେ ମଣ୍ଡଳ ସଭାପତି ଘୋଷଣା ହୋଇନାହିଁ। ସେହିଭଳି ବିଷମକଟକ ନିର୍ବାଚନମଣ୍ଡଳୀର କୋଲନରା ଓ ଶିକରପାଇ ଓ ରାୟଗଡ଼ା ନିର୍ବାଚନମଣ୍ଡଳୀର ପିପଲଗୁଡ଼ା ମଣ୍ଡଳରେ ମଧ୍ୟ କୌଣସି ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇନାହିଁ। ଯାହାଫଳରେ ଦଳୀୟ କର୍ମୀ ଏବେ ମଧ୍ୟ ଅଞ୍ଚଳରେ ଦଳର ସଙ୍ଗଠନ ମଜଭୁତ କରିବା ନେଇ ଚିନ୍ତାରେ ରହିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ପ୍ରାର୍ଥୀ ଆବେଦନ କରିଥିଲେ ମଧ୍ୟ ଦଳ ପକ୍ଷରୁ ସେଥିରେ ମୋହର ଲାଗିନାହିଁ। ଆରପଟେ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ବିରୋଧୀ କଂଗ୍ରେସ ଓ ବିଜେଡି ନିଜର ସଙ୍ଗଠନକୁ ମଜଭୁତ କରିବାରେ ଲାଗିଲାନି ପୂର୍ବରୁ ୨୦୧୭ରେ ଏକଦା ୪ଟି ଜିଲା ପରିଷଦ ଆସନ ଦଖଲ କରିଥିବା ଭାଜପା ପରବର୍ତ୍ତୀ ସମୟରେ ଜିଲାରେ ଗୋଟିଏ ହେଲେ ଜିଲା ପରିଷଦ ଦଖଲ କରିପାରିନାହିଁ। ଏଭଳିକି ଦଳରେ ବର୍ତ୍ତମାନ ବହୁ ଅଭିଜ୍ଞ ନେତା ରହିଥିଲେ ମଧ୍ୟ ଜିଲାରେ ଭାଜପା ଲୋକଲୋଚନକୁ ଆସିପାରୁନଥିବା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ବର୍ତ୍ତମାନ କଂଗ୍ରେସ ଜିଲା ସଭାପତି ଭାବେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ଦାୟିତ୍ୱ ଦେବା ପରେ କଂଗ୍ରେସକୁ ଜିଲାରେ କେହି ଟକ୍କର ଦେବା ଅସମ୍ଭବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ସେହିଭଳି ବିଜେଡି ମଧ୍ୟ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେଇଛି। ତେବେ ଏନେଇ ଜିଲା ସଭାପତି ଗୋପୀ ଆନନ୍ଦଙ୍କୁ ପଚାରିବାରୁ ଦଳର ନୀତିନିୟମ ଅନୁସାରେ ମଣ୍ଡଳ ସଭାପତି ଚୟନ କରାଯିବ ଏବଂ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।



ରାୟଗଡ଼ା ଜିଲା ଟିକିରିରେ ଶନିବାର ସନ୍ଧ୍ୟାରେ ମା'ଙ୍କୁ ବିସର୍ଜନ ଶୋଭାଯାତ୍ରାରେ ନିଆଯାଉଛି।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ମା'ଙ୍କୁ ମେଲାଣି

ଟିକିରି, ୪।୧୦(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ମା' ଦୁର୍ଗାଙ୍କୁ ଶନିବାର ମେଲାଣି ଦିଆଯାଇଛି। ବିଭିନ୍ନ ପ୍ରକାର ବାଦ୍ୟ, ପାରମ୍ପରିକ ନୃତ୍ୟରେ ମା'ଙ୍କ ବିସର୍ଜନ କରାଯାଇଛି। ପାରମ୍ପରିକ ବାଦ୍ୟ ସହ ଏକ ସୁସଜ୍ଜିତ ଗାଡ଼ିରେ ମା'ଙ୍କୁ ବସାଇ ସହର ପରିକ୍ରମା କରାଯାଇଥିଲା। ପୂଜା କମିଟିର ହରପ୍ରସାଦ ନାୟକ, କୈଳାସ ନାଏକ, ବିପ୍ର ପୂଜାରୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ଟ୍ରକ୍ ଡ୍ରାଇଭର ମୃତ, ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ଟ୍ରକ୍-ବସ୍ ମୁହାଁମୁହିଁ ଧକ୍କା**

ପାପଡ଼ାହାଣ୍ଡି, ୪।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥ ମୈଦଲପୁର ଥାନା ଆମପାଣିଘାଟିର ଖଡ଼କା ନିକଟରେ ଶନିବାର ଟ୍ରକ୍ ଓ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ବସ୍‌ରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଏଯାଏ ମୃତ ଡ୍ରାଇଭରଙ୍କ ପରିଚୟ ମିଳିନାହିଁ। ଆହତ ମାନଙ୍କୁ ମୈଦଲପୁର ପୋଲିସ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସୂଚନାନୁଯାୟୀ, ଏସ୍ ବିଏମ୍‌ଏସ୍ (ଓଡି-୧୦ଇ-୨୨୧୨) ନାମକ ଏକ ଘରୋଇ ବସ୍ ଭବାନୀପାଟଣାରୁ ଜୟପୁର ଆସୁଥିଲା । ଏହି ସମୟରେ ବିପରୀତ ଦିଗରୁ (ଡବ୍ଲ୍ୟୁବି-୧୫ଇ-୧୦୦୬) ନଂ ଟ୍ରକ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଚାପି ହୋଇ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। କୋକସରା ଓ ପାପଡ଼ାହାଣ୍ଡି ଅଗ୍ନିଶମ ବାହିନୀ ଓ ମୈଦଲପୁର ପୋଲିସ ମିଳିତ ଭାବେ ତାଙ୍କୁ ଉଦ୍ଧାର କରିଥିଲେ। ବସ୍ ମଧ୍ୟରେ ୫୦ ରୁ ୬୦ ଯାତ୍ରୀ ଥିବାବେଳେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ପୋଲିସ ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଘଟଣାସ୍ଥଳରେ ମୈଦଲପୁର ଥାନାଧିକାରୀ ବିପିନ କୁମାର କୁଲଦୀପ, ଏଏସ୍‌ଆଇ ଲୋକେଶ କୁମାର, ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ, ହାବିଲଦାର ସୁଶୀଲ କୁମାର ଦେଓ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଡାବୁଗାଁ, ୪।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରୀ ଫାଣ୍ଡି ଅଧୀନ କାରାଗାଁ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବିଏସ୍‌ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮)। ସୂଚନାନୁଯାୟୀ, ବିଏସ୍‌ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮) ଓ ବୁଦ୍ଧୁରାମ ଶବର (୩୨) ଶୁକ୍ରବାର ସନ୍ଧ୍ୟାରେ ବାଇକ୍ (ଓଡି-୨୪ଜି-୫୦୬୩)ରେ କାରାଗାଁକୁ ଯାଉଥିଲେ। ଏହି ସମୟରେ କାରାଗାଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ଓଡି-୨୪ଏଫ୍-୯୨୧୪) ସେମାନଙ୍କ ଧକ୍କାଦେଇ ଦ୍ରୁତଗତିରେ ପଳାଇଥିଲା। ଏଥିରେ ତୁଳସୀରାମ ଓ ବୁଦ୍ଧୁରାମ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଅଟୋ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକତ୍ସାଧୀନ ଅବସ୍ଥାରେ ତୁଳସୀରାମଙ୍କ ମୃତ୍ୟୁ ଘଟିଥିଲା। ବୁଦ୍ଧୁରାମଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ମୃତ ତୁଳସୀରାମ ଗଣ୍ଡଙ୍କ ବାପା ଦେବ ଗଣ୍ଡ ଶନିବାର ପୂର୍ବାହ୍ନରେ ଥାନାରେ ଏତଲା ଦେଇଥିଲେ। ଶନିବାର ସିଂସାରୀ ଫାଣ୍ଡି ଅଧିକାରୀ ହରିହର ଭତ୍ରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୦୦/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

# ପରିବା ବଜାରର ନୂତନ ସ୍ଥାନକୁ ନେଇ ବିବାଦ



ପୋଲିସ ଓ ପୌର ପରିଷଦ କର୍ମଚାରୀ ସ୍ଥାୟୀ ପରିବା ବଜାରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ରାୟଗଡ଼ା,୪।୧୦
(ଆଶିଷ ରଞ୍ଜନ ପଣ୍ଡା)

**ବାଧହୋଇ ପୁରୁଣା ଜାଗାରେ ଦୋକାନ ଖୋଲିଲେ ବ୍ୟବସାୟୀ**

ଫ୍ଲାଏଓଭର ମରାମତି ପାଇଁ ବନ୍ଦ ରହିଥିବା ପରିବା ଓ ଫଳ ବଜାର ପୁନର୍ବାର ପୁରୁଣା ସ୍ଥାନରେ ଖୋଲିଛି। ପୌର ପରିଷଦ ପକ୍ଷରୁ ରାମକୃଷ୍ଣ ନଗରରୁ କେନ୍ଦ୍ରୀୟ ବିଦ୍ୟାଳୟ ଯିବା ରାସ୍ତାରେ ଖୋଲାଯାଇଥିବା ନୂତନ ପରିବା ବଜାର ନେଇ ବିବାଦ ସୃଷ୍ଟି ହୋଇଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଲୋକ ଉକ୍ତ ସ୍ଥାନକୁ ସେମାନଙ୍କ ଶ୍ମଶାନ ବୋଲି ଦାବି କରିଛନ୍ତି। ଏହାକୁ ନେଇ ଶନିବାର ପୋଲିସ ଓ ପୌର ପରିଷଦ କର୍ମଚାରୀ ଉକ୍ତ ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ। ହେଲେ ଶ୍ମଶାନ ଜମି ଛାଡ଼ିବାକୁ ସେମାନେ ନାରାଜ ଥିବା ପରିଲକ୍ଷିତ ହୋଇଥିଲା। ଏଭଳିକି ପରିବା ବିକ୍ରି ପାଇଁ ଆସୁଥିବା ବ୍ୟବସାୟୀଙ୍କୁ କିଛି ଅସାମାଜିକ ବ୍ୟକ୍ତିମାନେ ଧମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ପରିବା ଓ ଫଳ ବ୍ୟବସାୟୀ ନିଜର ପୁରୁଣା ସ୍ଥାନରେ ପୁନର୍ବାର ଦୋକାନ ଖୋଲିବାକୁ ବାଧ ହୋଇଛନ୍ତି। ତେବେ ପୌର ପରିଷଦ କୌଣସି ଠିକ୍ ନିଷ୍ପତ୍ତି ନେଇ ନଥିବା କାରଣରୁ ବ୍ୟବସାୟୀ ଓ ଗ୍ରାହକ ହନ୍ତସନ୍ତ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଫ୍ଲାଏଓଭର ମରାମତି କାର୍ଯ୍ୟ ମଧ୍ୟ ବିଳମ୍ୱ ହେବାରେ ଲାଗିଛି। ଏନେଇ ପୌରନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହେବ। ପରିବା ବ୍ୟବସାୟୀଙ୍କୁ ସେଠାରେ ବସିବାକୁ ଦିଆଯାଇଛି ବୋଲି କହିଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ବାଇକ୍, ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ

ଉମରକୋଟ, ୪।୧୦ (ସନ୍ତୋଷ ଶତପଥୀ)

ଉମରକୋଟ ଥାନା ଅଧୀନ ବଡ କୁମାରୀ ନିକଟ ଦେଇ ଯାଇଥିବା ଭାରତମାଳା ରାସ୍ତାରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଉମରକୋଟ ବ୍ଲକ ଅଧୀନ ଭଣ୍ଡାରିଗୁଡ଼ା ପଞ୍ଚାୟତ ବାମନଦେଇଭଟ୍ଟାର ନୀତେଶ କୁମାର ଭତ୍ରା (୩୦)। ଦୁର୍ଘଟଣାରେ ଉମରକୋଟ ସହରର ଗୁଲିପାଟଣା ସାହିର ମଙ୍ଗଳ ଗୌଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିତେଶ ଲକ୍ଷ୍ମୀ ବସ୍ କଣ୍ଡକ୍ଟରଭାବେ କାମ କରନ୍ତି। ମଙ୍ଗଳ ମଧ୍ୟ ଏକ ଘରୋଇ ବସ୍‌ର କଣ୍ଡକ୍ଟର।

ସୂଚନାନୁଯାୟୀ ନୀତେଶ ଓ ମଙ୍ଗଳ ଏକ ବାଇକ୍(ଓଡି-୨୪ଜେ-୧୭୨୪) ଯୋଗେ ରାତି ପ୍ରାୟ ୧୦ଟା୩୦ରେ ଭଣ୍ଡାରିଗୁଡ଼ା ଗ୍ରାମ ପଞ୍ଚାୟତର ବାମନଦେଇଭଟାରୁ ଉମରକୋଟ ଅଭିମୁଖେ ଆସୁଥିଲେ। ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।୨ ଜଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନୀତେଶଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନାରେ ପରିବାର ପକ୍ଷରୁ ଲିଖିତ ଏତଲା ପରେ ଉମରକୋଟ ପୋଲିସ କେସ୍ ନଂ. ୩୦୯/୨୫ ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ଆଇ ସୌମେନ୍ଦ୍ର କୁମାର ସେଠ ଘଟଣାର ତଦନ୍ତ କରୁଛନ୍ତି।

# ନାଗାବଳୀ ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ନଦୀକୁ ଗାଧୋଇବାକୁ ଯାଇ ଭାସିଯାଇଥିଲେ**

ରାୟଗଡ଼ା, ୪।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ହାତୀପଥର ନିକଟସ୍ଥ ନାଗାବଳୀ ନଦୀ କୂଳରୁ ଜଣେ ନିଖୋଜ ଯୁବକଙ୍କ ଶନିବାର ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କୋତାପେଟା ଗାଁ ର ସିମାଦ୍ରୀ ମିଣିଆକା (୧୯)। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ରେ ସୀମାଦ୍ରୀ ସାଙ୍ଗମାନଙ୍କ ସହ ମାଲିଗାଁ ନିକଟସ୍ଥ ନାଗାବଳି ନଦୀ କୂଳକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ନଦୀରେ ପ୍ରବଳ ସ୍ରୋତ ଥିବା କାରଣରୁ ସେ ପାଣିରେ ଭାସିଯାଇ ନିଖୋଜ ହୋଇଥିଲେ। ସୀମାଦ୍ରୀଙ୍କ ପରିବାର ଲୋକେ ତୁରନ୍ତ ଚାନ୍ଦିଲି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଶନିବାର ସକାଳେ ସୀମାଦ୍ରୀଙ୍କ ମୃତଦେହ ରାୟଗଡ଼ା ସହର ପାଖ ନାଗାବଳି ନଦୀର ହାତୀପଥର ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଉପସ୍ଥିତିରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ନଦୀରୁ ମୃତଦେହକୁ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଦୂର ଲକ୍ଷ୍ୟ

- **ଆତ୍ମାନନ୍ଦଙ୍କ ଜୟନ୍ତୀ ପାଳିତ**
- **ବୈଦିକ ପରିବାରର ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ**

ପଦ୍ମପୁର,୪।୧୦(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ଅଧୀନ ମୁଚିକିପଦର ବୈଦିକ ଯଜ୍ଞ ପୀଠରେ ବିଶ୍ୱ ବୈଦିକ ପରିବାରର ପ୍ରାଣ ପ୍ରତିଷ୍ଠାତା, ବିଶିଷ୍ଟ ସ୍ତମ୍ଭକାର ତଥା ବିଦ୍ୱାନ ସନ୍ନ୍ୟାସୀ ଆତ୍ମାନନ୍ଦଙ୍କ ୮୧ତମ ଜନ୍ମ ଉତ୍ସବ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଛି। ଗାୟତ୍ରୀ ନଗର କିର୍ତ୍ତନ୍ୟରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଯୋଗ ତାଲିମ, ବେଦ ପାଠ, ବୈଦିକ ଭଜନ, ବୈଦିକ ମହାଯଜ୍ଞ ସମେତ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନରେ ସ୍ୱୟଂ ଆତ୍ମନନ୍ଦଜୀ ପୌରହିତ୍ୟ କରି ସନାତନ ବୈଦିକ ଧର୍ମର ସାରସତ୍ତ୍ୱ ବୁଝାଇଥିଲେ। ସମାଜରୁ ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବା ପାଇଁ ବିଶ୍ୱ ବୈଦିକ ପରିବାର ମାଧ୍ୟମରେ ନିଆଯାଉଥିବା ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଆତ୍ମା, ପରମାତ୍ମା ସମ୍ବନ୍ଧୀୟ ବୈଦିକ ସତ୍ୟ ସମ୍ପର୍କୀୟ ଆଲୋଚନା କରାଯାଇଥିଲା। ବିଭିନ୍ନ ବେଦ ମନ୍ତ୍ର ମାଧ୍ୟମରେ ସମବେତ କଣ୍ଠରେ ଭକ୍ତମାନଙ୍କ ଦ୍ୱାରା ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରୁ ୭୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଦ୍ମପୁର ଶାଖାର ସାଧକ ସାଧିକାମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।




ବୈଦିକ ମହାଯଜ୍ଞ କରାଯାଉଛି।

# ୧୧୫ ନଳକୂପ ଅଚଳ, ରଙ୍ଗମାରି ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ

- **ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ଲୋକେ ଅସନ୍ତୁଷ୍ଟ**
- **ବ୍ଲକରେ ୨୦ ବର୍ଷ ଧରି କାର୍ଯ୍ୟ କରୁଥିବା ଯନ୍ତ୍ରୀଙ୍କ ବଦଳି ଦାବି**

ବିଷମକଟକ, ୪।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ଠିକ୍‌ଭାବେ ନିଜର କାର୍ଯ୍ୟ କରୁ ନ ଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଭାଗ ପକ୍ଷରୁ ଠିକ୍ ଭାବେ କାମ କରାଯାଉ ନାହିଁ। ବ୍ଲକରେ ୧୧୫ ନଳକୂପ ଅଚଳ ହୋଇ ରହିଛି। ଯଦି ବିଭାଗ ପକ୍ଷରୁ ନଳକୂପଗୁଡ଼ିକର ନିୟମିତ ଯାଞ୍ଚ ଓ ରିପୋର୍ଟ ଦିଆଯାଉଛି, ତେବେ ଏତେ ପରିମାଣରେ ନଳକୂପ କିଭଳି ଅଚଳ ଓ ଖରାପ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ଅଞ୍ଚଳବାସୀ କହିଛନ୍ତି। ଏଥିସହ ବ୍ଲକରେ ୨୦ ବର୍ଷ ରହି କାମ କରୁଥିବା ଯନ୍ତ୍ରୀଙ୍କ ବଦଳି ଦାବି କରିଛନ୍ତି।

ସୂଚନାନୁଯାୟୀ, ବିଷମକଟକ ବ୍ଲକରେ ୨୨୦ ଟି ନଳକୂପ ରହିଛି। ସେଥି ମଧ୍ୟରୁ ୧୦୫ ଟିରେ ପାଣି ଆସୁଥିବାବେଳେ ୧୧୫ଟି ଅଚଳ ଅବସ୍ଥାରେ ରହିଛି। ବିଭାଗୀୟ ଯନ୍ତ୍ରୀ ରାଜେଶ୍ୱରୀ ପାତ୍ରଙ୍କ ନିକଟରେ ଏହି ତଥ୍ୟ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଚଳ ନଳକୂପକୁ ରଙ୍ଗମାରୀ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ବ୍ଲକବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ରାୟଗଡ଼ା ପୂର୍ବତନ ଜିଲାପାଳ ସ୍ୱଧାଦେବ ସିଂଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏବେ ଏହାର ତଦନ୍ତ କଲେ ଅନେକେ ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ବ୍ଲକବାସୀ କହିଛନ୍ତି। ଯଦି ଏହାର ତଦନ୍ତ କରାନଯାଏ ତାହେଲେ କୋରାପୁଟ, ଜୟପୁର ଓ ଭୁବନେଶ୍ୱର ଭିଜିଲାନ୍ସ ବିଭାଗକୁ ସମସ୍ତ ତଥ୍ୟ ଦିଆଯିବ ବୋଲି ସେମାନେ କହିଛନ୍ତି। ଏଥିସହ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଯନ୍ତ୍ରୀ ଜଣଙ୍କ ବିଷମକଟକ ବ୍ଲକରେ କାର୍ଯ୍ୟ କରିଆସୁଛନ୍ତି। କୌଣସି ସ୍ଥାନରେ ଜଣେ ଯନ୍ତ୍ରୀ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ସରକାରୀ ନିୟମ ରହିଛି। ତେବେ ଏଠାରେ କିପରି ଏହାର ଖିଲାପ କରାଯାଉଛି ବୋଲି ବ୍ଲକବାସୀ ପ୍ରଶ୍ନ କରିବା ସହ ଯନ୍ତ୍ରୀଙ୍କ ବଦଳି ଦାବି କରିଛନ୍ତି। ଯଦି ଏକ ମାସ ମଧ୍ୟରେ ବଦଳି କରାନଯାଏ ତାହେଲେ ରାୟଗଡ଼ା ଓ ଭବାନୀପାଟଣା ମୁଖ୍ୟ ରାଜପଥ ଅବରୋଧ କରାଯିବ ବୋଲି ବ୍ଲକବାସୀ ଚେତାବନୀ ଦେଇଛନ୍ତି। ଅଭିଯୋଗକୁ ନେଇ ବିଷମକଟକ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ରାଜେଶ୍ୱରୀ ପାତ୍ରଙ୍କୁ ପଚାରିବାରୁ ସମସ୍ତ ନଳକୂପକୁ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ମରାମତି କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ରାୟଗଡ଼ା ଜିଲା ଜଳ ଯୋଗାଣ ବିଭାଗ ନିର୍ବାହୀ ଅଧିକାରୀ ସସ୍ମିତା ସିମାଲୁଙ୍କୁ ପଚାରିବାରୁ କରି ଅଭିଯୋଗର ତଦନ୍ତ କରାଯିବ। ଭୁଲ୍ ଥିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଢେପ ସାହିର ଅଚଳ ନଳକୂପ।

# ନିର୍ମାଣ କାର୍ଯ୍ୟ ସାମୂହିକ ସ୍ଥାନରେ କରିବାକୁ ଦାବି

- ବ୍ୟକ୍ତିଗତ ସ୍ଥାନରେ ଉନ୍ନୟନ କାର୍ଯ୍ୟ ହେଉଥିବା ଅଭିଯୋଗ
- ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଚନ୍ଦାହାଣ୍ଡି,୪।୧୦(ଦିଲୀପ ଦାସ)


ବିଡିଓ ଚଇନୁ ଗଣ୍ଡ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ, ଗ୍ରାମାଞ୍ଚଳରେ ଆବଶ୍ୟକ ଅନୁଯାୟୀ ପ୍ରକଳ୍ପର ଉନ୍ନତୀକରଣ ଉଦ୍ଦେଶ୍ୟ ନେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଭଳି ବିକାଶମୂଳକ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ତେବେ ଏହି ଯୋଜନାର ନିର୍ମାଣ କାର୍ଯ୍ୟ ସାମୂହିକ ସ୍ଥାନରେ ନ ହୋଇ ବ୍ୟକ୍ତିଗତ ସ୍ଥାନରେ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଚନ୍ଦାହାଣ୍ଡି ବ୍ଲକ୍ ଧୋଡ଼ିପାଣି ପଞ୍ଚାୟତ ଅଧୀନ ଦଣ୍ଡାମୁଣ୍ଡା ଗ୍ରାମବାସୀ ଶନିବାର ବିଡିଓ ଚଇନୁ ଗଣ୍ଡଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହାର ତଦାରଖକରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାନୁଯାୟ ଦଣ୍ଡାମୁଣ୍ଡା ଗ୍ରାମର ଶିବମନ୍ଦିର ପରିସରରେ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟରେ ରଖି ଏକ ଭୋଗ ମଣ୍ଡପ ନିର୍ମାଣ ନେଇ ପଞ୍ଚାୟତ ମାଧ୍ୟମରେ ବ୍ଲକ୍ ପ୍ରଶାସନକୁ ଅବଗତ କରାଯାଇଥିଲା। ତେବେ ବର୍ତ୍ତମାନ ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏହାକୁ କେତେଜଣ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ ନିଜ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ସାମୂହିକ ସ୍ଥାନରେ ଏହାକୁ ନିର୍ମାଣ କରିବାକୁ ଦାବି ହୋଇଛି। ଏଥିପ୍ରତି ବ୍ଲକ୍ ଓ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମକୁ ଯାଇ ଏ ସମ୍ପର୍କରେ ତଦାରଖ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ଦୁର୍ଲ୍ଲଭ ପୂଜାରୀ, ବଳରାମ ପଟ୍ଟନାୟକ, ସୀମାଞ୍ଚଳ ଗଣ୍ଡା, ସଂଗ୍ରାମ କେଶରୀ ସାହୁ, ଲଖୀଧର ବାଘ, ଶିଶିର ମାଝୀ, ଥବିର ସେଠୀ, ପାରେଶ୍ୱର ଦାସ, ପ୍ରସାଦ ସେଠୀ, ମନୋଜ ମାଝୀ, ମୀନକେତନ ଗୌଡ଼, ଭଗବାନ ଗଣ୍ଡା, ସୁରେଶ ମହାନ୍ତି, ଧନେଶ୍ୱର ସେଠୀ, ପ୍ରତାପ ଗୌଡ଼, ହୃଷୀକେଶ ମହାନ୍ତି, ରାଇସିଂ ଗଣ୍ଡ, ମିଥୁଲା ଗୌଡ଼, ତୁଳସା ନାୟକ, ରେବତୀ ମାଝୀ, ଲକ୍ଷ୍ମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମା'ଙ୍କ ବିସର୍ଜନ


ପଲ୍ଲୀ ସଂସଦ ଯୁବକ ସଂଘର ପୂଜା ମଣ୍ଡପରେ ମା'।

ରାଇଘର, ୪।୧୦(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମା ପଲ୍ଲୀ ସଂସଦ ଯୁବକ ସଂଘ ପକ୍ଷରୁ ଆୟୋଜିତ ଦୁର୍ଗାପୂଜାର ଭସାଣି ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ସଂଘ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ସୂଚନାନୁଯାୟୀ, ଚଳିତ ବର୍ଷ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଦଶହରା ପାଳିତ ହୋଇଥିଲା। ଆନ୍ଧ୍ରପ୍ରଦେଶରୁ କାରିଗର ଆସି ରାବଣପୋଡ଼ି ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ। ଗୁରୁବାର ହେବାକୁ ଥିବା ରାବଣପୋଡ଼ି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେବାର ଥିଲା। ପ୍ରବଳ ବର୍ଷା ଯୋଗୁ ଦଶମୀ ଦିନ ଏହା ବାତିଲ ହୋଇଥିଲା। ଶୁକ୍ରବାର ସନ୍ଧ୍ୟା ୭ଟାରେ ମିନି ଷ୍ଟାଡିୟମ ପରିସରରେ ରାବଣପୋଡ଼ି କରାଯାଇଥିଲା। ଏହାକୁ ଦେଖିବାକୁ ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସାତପାଲି ଗ୍ରାମ କମିଟି ସଦସ୍ୟ ସହ ପରିଚାଳନା କମିଟି ଓ ସ୍ଥାନୀୟ ସମସ୍ତ ଦେବଦେବୀଙ୍କ ଲାଠି ବିମାନ ସାଙ୍ଗକୁ ଖୁଡୁକ ଗ୍ରାମର ରାମରାବଣ ଦଳ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଳ ମାତ୍ରାରେ ଲୋକଙ୍କ ସମାଗମ ଭିତରେ ଦୀର୍ଘ ଦୁଇ ଘଣ୍ଟା ଧରି ଆଲୋକମାଳ ସହ ବାଣ ଫୁଟାଇ ପରିବେଶ ଉତ୍ସବର ମୁଖର ହୋଇ ପଡ଼ିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସ୍ଥାନୀୟ ପୋଲିସ ପ୍ରଶାସନ ସହ ଅଗ୍ନିଶ୍ରମ ବାହିନି ନିୟୋଜିତ ହୋଇଥିଲେ।

# ୧୨ ସୁଦ୍ଧା ୬୦ହଜାର ଭୋଟରଙ୍କ ଦସ୍ତଖତ ସଂଗ୍ରହ ହେବ

**କଂଗ୍ରେସର ଭୋଟଚୋର ଗାଦିଛାଡ଼ ଅଭିଯାନ ଆରମ୍ଭ**

- ଅଭିଯାନକୁ ସଫଳ କରିବାକୁ ଖବରଦାତା ସମ୍ମିଳନୀରେ ଆହ୍ୱାନ

ନବରଙ୍ଗପୁର, ୪।୧୦(ସଦାଶିବ ପ୍ରହରାଜ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଦେଶରେ ଭୋଟଚୋରି କରି ଭାଜପା ଶାସନ କରୁଛି। ଭୋଟ ଚୋରି ପ୍ରମାଣ ରାହୁଲ ଗାନ୍ଧୀ ଦେବା ପରେ ମଧ୍ୟ ନିର୍ବାଚନ କମିଶନ ଅଭିଯୋଗ ଗ୍ରହଣ କରୁନାହାଁନ୍ତି। ତେଣୁ ଭୋଟ ଚୋରି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯାଇ ଲୋକଙ୍କ ଦସ୍ତଖତ ନେଇ ରାଷ୍ଟ୍ରପତି ଓ ନିର୍ବାଚନ କମିଶନଙ୍କ ନିକଟକୁ ପଠାଯିବ ବୋଲି ଶନିବାର ନବରଙ୍ଗପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗାଦି ଛାଡ ଅଭିଯାନର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ନିମାଇ ସର୍କାରକହିଛନ୍ତି ।

ଭୋଟ ଚୋରି ପ୍ରତି ସଚେତନା ସୃଷ୍ଟି କରାଯିବ। କାରଣ ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ ଭୋଟ ଚୋରି କରି କ୍ଷୁଣ୍ଣ କରିଛି। ନବରଙ୍ଗପୁର ଜିଲାର ପ୍ରତି ବ୍ଲକ୍‌ରେ ଦସ୍ତଖତ ଅଭିଯାନ କରାଯିବ। ୧୨ ତାରିଖ ସୁଦ୍ଧା ୬୦ହଜାର ଭୋଟରଙ୍କ ଦସ୍ତଖତ ନିଆଯିବ। ତାହାକୁ ରାଷ୍ଟ୍ରପତି ଓ ନିର୍ବାଚନ କମିଶନରଙ୍କ ପାଖକୁ ପଠାଯିବ ପୂର୍ବତନ ବିଧାୟକ ସର୍କାର କହିଛନ୍ତି। ଲୋକଙ୍କ ସମସ୍ୟାକୁ ନେଇ ଲଢୁଛନ୍ତି। ଆଗାମୀ ଦିନରେ ମଧ୍ୟ ଲୋକଙ୍କ ସମସ୍ୟାକୁ ନେଇ ଲଢେଇ ଜାରି ରହିବ ବୋଲି ନବରଙ୍ଗପୁର ଜିଲା କଂଗ୍ରେସ ସଭାନେତ୍ରୀ ଡା. ଲିପିକା ମାଝୀ କହିଛନ୍ତି। ଏଥିପାଇଁ କଂଗ୍ରେସର ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ କର୍ମୀ, ବିଭିନ୍ନ ଛାମୁଆ ସଙ୍ଗଠନ କର୍ମୀ ସକ୍ରିୟ ଭୂମିକା ଗ୍ରହଣକରି ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ସେ ଆହ୍ୱାନ କରିଛନ୍ତି। ନବରଙ୍ଗପୁର ଜିଲାରେ ୭୨ହଜାର ଭୋଟ ଚୋରି ହୋଇଛି। ଏହାର ପ୍ରମାଣ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ବରିଷ୍ଠ ନେତା ମୁନା ତ୍ରିପାଠୀ କହିଛନ୍ତି। ଏଭଳି ଭୋଟଚୋରି କରି ଶାସନ ଅକ୍ତିଆର କରିବା ସାମ୍ବିଧାନକୁ ହତ୍ୟା କରିବା ଭଳି ସମ୍ବେଦନଶୀଳ ଘଟଣା ବୋଲି ସେ କହିଛନ୍ତି। ନବରଙ୍ଗପୁର ଜିଲାରେ ଭୋଟ ଚୋରି ନେଇ ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ ବୋଲି ପୂର୍ବତନ ବିଧାୟକ ଭୁଜବଳ ମାଝୀ ଅଭିଯୋଗ କରିଛନ୍ତି। ତେଣୁ ଭୋଟ ଚୋର ଗାଦିଛାଡ ଅଭିଯାନକୁ ସଫଳ କରିବାକୁ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଲଢିବାକୁ ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୃନ୍ଦା ତ୍ରିପାଠୀ, ଦିଲ୍ଲୀପ ବେହେରା, ଗଣେଶ ପଟ୍ଟନାୟକ, ସୋନରାଜ ଗଣ୍ଡଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଝରିଗାଁ,୪।୧୦( କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ଅଧୀନ ଡେଙ୍ଗାଗୁଡ଼ା ଗ୍ରାମର ବନସିଂ ଗଣ୍ଡଙ୍କ ପୁଅ ନୀଳ ଗଣ୍ଡ(୨୨) ଆନ୍ଧ୍ରକୁ ଦାଦାନ ଖଟିବାକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ନୀଳ ଗାଁର କେତେଜଣଙ୍କ ସହ ମିଶି କିଛି ମାସ ତଳେ ଦାଦନ ଖଟିବା ପାଇଁ ଆନ୍ଧ୍ରକୁ ଯାଇଥିଲେ। ସେଠାରେ ଏକ ଚିଙ୍ଗୁଡ଼ି ଫାକ୍ଟ୍ରିରେ ସେ କାମ କରୁଥିଲେ। ଶୁକ୍ରବାର ୧୦ଟାରେ ସେ ଚିଙ୍ଗୁଡ଼ି ଘେରରେ ଘାସ କାଟୁଥିଲେ। ଏହି ସମୟରେ ତଳେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନୀଳ ଗୁରୁତର ହୋଇ ଯାଇଥିଲେ। ପାଖରେ ଥିବା ଅନ୍ୟମାନେ ଗୁରୁତର ଅବସ୍ଥାରେ ନୀଳଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ କମ୍ପାନୀ ମାଲିକ ୧ ଲକ୍ଷ ଟଙ୍କା ଦେଇ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ପଠାଇଥିଲେ। ଶନିବାର ସକାଳୁ ମୃତଦେହ ଗାଁରେ ପହଞ୍ଚି ଥିଲା। ଏକ ଶୋକାକୂଳ ପରିବେଶରେ ମୃତଦେହ ସତ୍କାର କରାଯାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଚନ୍ଦାହାଣ୍ଡି, ୪।୧୦ (ଦିଲୀପ ଦାସ)


ଭଙ୍ଗା ଘର ଆଗରେ ନୀଳନ୍ଧର ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହୋଇଛି। ଏହା ଫଳରେ ପାଟଖଲିଆ ପଞ୍ଚାୟତ ବନ୍ଧାକୋନା ଗ୍ରାମର ନୀଳନ୍ଧର ନାଗ (୩୫)ଙ୍କ ଘର ଭାଙ୍ଗିଯାଇଛି। ତେବେ ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଶୁକ୍ରବାର ରାତିରେ ନୀଳନ୍ଧରଙ୍କ ପରିବାର ଘରେ ଶୋଇଥିଲେ। ରାତି ପ୍ରାୟ ୧ଟା ସମୟରେ ପ୍ରବଳ ବର୍ଷା ହେବାରୁ ତାଙ୍କ ଘରର ଏକ କାନ୍ଥ ଭୁଶୁଡ଼ିପଡ଼ିଥିଲା। ରାତିସାରା ସେ ଛୋଟ ଛୁଆ ଓ ସ୍ତ୍ରୀଙ୍କୁ ଧରି ବର୍ଷାରେ ରହିଥିଲେ। ଏ ବାବଦରେ ଚନ୍ଦାହାଣ୍ଡି ରାଜସ୍ୱ ବିଭାଗ ଅଧିକାରୀ ସୁବ୍ରତ ମିସ୍ତ୍ରିଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କଲାପରେ ପଦକ୍ଷେପ ନେଇ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ନୀଳନ୍ଧର ଅତ୍ୟନ୍ତ ଗରିବ ଶ୍ରେଣୀର। ତୁରନ୍ତ ଘର ଖଣ୍ଡିଏ ଯୋଗାଇଦେବାକୁ ବନ୍ଧକୋନା ଗ୍ରାମବାସୀ ବ୍ଲକ୍ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଡାବୁଗାଁ, ୪।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ରାବଣାଗୁଡ଼ା ଗ୍ରାମରେ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଡାବୁଗାଁ ବ୍ଲକ ଅଧୀନ ଗୋଦାମା ଗ୍ରାମର ଫୁଲମତି ଭତ୍ରା (୪୦)। ସୂଚନାନୁଯାୟୀ, ୧୮ ବର୍ଷ ତଳେ ରାବଣାଗୁଡ଼ା ଗ୍ରାମର ବନସିଂ ଭତ୍ରାଙ୍କ ପୁଅ କୁଶଙ୍କୁ ଫୁଲମତି ବିବାହ କରିଥିଲେ। ତାଙ୍କର ୪ଟି ସନ୍ତାନ ଅଛନ୍ତି। ସେ ବହୁ ଦିନହେଲା ମାନସିକ ବିକୃତ ରୋଗରେ ପୀଡିତ ଥିଲେ। ଗତ ମଙ୍ଗଳବାର ଦିନ ପ୍ରାୟ ୧୧ଟାରେ ଫୁଲମତି ବିଷ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମୃତକଙ୍କ ବଡ଼ ଭାଇ ସନଧର ଭତ୍ରା ଶନିବାର ପୂର୍ବାହ୍ନରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏସ୍ଆଇ ବିକ୍ରମ କିଶୋର ସାହୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ ୩୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ୧୮ ଜଣଙ୍କ ଆୟାପ୍ପା ସ୍ୱାମୀଙ୍କ ଦୀକ୍ଷା ଗ୍ରହଣ

ଡାବୁଗାଁ, ୪।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ର ଆୟାପ୍ପା ସ୍ୱାମୀ ଭକ୍ତମାନେ ଶନିବାର ଦୀକ୍ଷା ଗ୍ରହଣ କରିଛନ୍ତି। ଶନିବାର ସକାଳୁ ଡାବୁଗାଁ ଶିବ ମନ୍ଦିରରେ ଜୟପୁର ରାବଣା ଗୁରୁସ୍ୱାମୀଙ୍କଠାରୁ ଭକ୍ତ ମାନେ ମାଳା ଧାରଣ କରିଛନ୍ତି। ଭକ୍ତମାନେ ମାଳାଧାରଣ କରି ଡାବୁଗାଁ ଜୟନ୍ତୀନଗର ସ୍ଥିତ ଅୟାପ୍ପା ସ୍ୱାମୀ ସାନିଧାନମରେ ୪୧ ଦିନ ରହି ପୂଜାର୍ଚ୍ଚନା କରି ନିଷ୍ଠାର ସହ ରହିବେ। ଡାବୁଗାଁ ଗୁରୁ ସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ଚିତ୍ତରଞ୍ଜନ ପାତ୍ର, ଜେ. ସୁଦର୍ଶନ ରାଓ, ଶାନ୍ତନୁ ଖୁଣ୍ଟିଆ, ଏ. କମଳ କୁମାର, ବିଜୟ ନିହାଲଙ୍କ ସମେତ ୧୮ ଜଣ ଭକ୍ତ ଆୟାପ୍ପା ସ୍ୱାମୀ ଦିକ୍ଷା ଗ୍ରହଣ କରିଛନ୍ତି। ୪୧ ଦିନ ପରେ କେରଳ ରାଜ୍ୟର ସାବରିମାଲାସ୍ଥିତ ଆୟାପା ସ୍ୱାମୀଙ୍କ ମନ୍ଦିରକୁ ସେମାନେ ଦର୍ଶନ ପାଇଁ ଯିବେ ବୋଲି ସୂଚନା ମିଳିଛି।


ଦୀକ୍ଷା ଗ୍ରହଣ କରିଥିବା ଆୟାପ୍ପା ସ୍ୱାମୀମାନେ।

# ଦୁର୍ଘଟଣା: ପୃଥକ୍ ସ୍ଥାନରେ ୫ ମୃତ

**ନବରଙ୍ଗପୁର ଜିଲାରେ ଶୁକ୍ରବାରରୁ ଶନିବାର ମଧ୍ୟରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଦମ୍ପତି ମଧ୍ୟ ରହିଥିବା ଜଣାପଡ଼ିଛି। ଶନିବାର ଘଟିଥିବା ଟ୍ରକ୍-ବସ୍ ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ବସ୍ ଯାତ୍ରୀ ଆହତ ହୋଇଛନ୍ତି। ସେହିଭଳି ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି।**

## ଟ୍ରକ୍ ଡ୍ରାଇଭର ମୃତ, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

### ଟ୍ରକ୍-ବସ୍ ମୁହାଁମୁହିଁ ଧକ୍କା

ପାପଡ଼ାହାଣ୍ଡି, ୪।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥ ମୈଦଲପୁର ଥାନା ଆମପାଣିଘାଟିରେ ଖଡ଼କା ନିକଟରେ ଶନିବାର ଟ୍ରକ୍ ଓ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ବସ୍‌ରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଏଯାଏ ମୃତ ଡ୍ରାଇଭରଙ୍କ ପରିଚୟ ମିଳିନାହିଁ। ଆହତ ମାନଙ୍କୁ ମୈଦଲପୁର ପୋଲିସ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସୂଚନାନୁଯାୟୀ, ଏସ୍ ବିଏମ୍ଏସ୍ (ଓଡି-୧୦ଇ-୨୨୧୨) ନାମକ ଏକ ଘରୋଇ ବସ୍ ଭବାନୀପାଟଣାରୁ ଜୟପୁର ଆସୁଥିଲା । ଏହି ସମୟରେ ବିପରୀତ ଦିଗରୁ (ଡବ୍ଲୁବି-୧୫ଇ-୧୦୦୬) ନଂ ଟ୍ରକ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଚାପି ହୋଇ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। କୋକସରା ଓ ପାପଡ଼ାହାଣ୍ଡି ଅଗ୍ନିଶମ ବାହିନୀ ଓ ମୈଦଲପୁର ପୋଲିସ ମିଳିତ ଭାବେ ତାଙ୍କୁ ଉଦ୍ଧାର କରିଥିଲେ। ବସ୍ ମଧ୍ୟରେ ୫୦ ରୁ ୬୦ ଯାତ୍ରୀ ଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ପୋଲିସ ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଘଟଣାସ୍ଥଳରେ ମୈଦଲପୁର ଥାନାଧିକାରୀ ବିପିନ କୁମାର କୁଳଦୀପ, ଏଏସ୍ଆଇ ଲୋକେଶ କୁମାର, ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ, ହାବିଲଦାର ସୁଶୀଲ କୁମାର ଦେଓ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

## ଭାରସାମ୍ୟ ହରାଇ ଓଲଟିଲା ବାଇକ୍, ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ

ଉମରକୋଟ, (ସନ୍ତୋଷ ଶତପଥୀ)

ଉମରକୋଟ ଥାନା ଅଧୀନ ବଡ କୁମାରୀ ନିକଟ ଦେଇ ଯାଇଥିବା ଭାରତମାଳା ରାସ୍ତାରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଉମରକୋଟ ବ୍ଲକ ଅଧୀନ ଭଣ୍ଡାରିଗୁଡ଼ା ପଞ୍ଚାୟତ ବାମନଦେଇଭଟ୍ଟାର ନୀତେଶ କୁମାର ଭତ୍ରା (୩୦)। ଦୁର୍ଘଟଣାରେ ଉମରକୋଟ ସହରର ଗୁଲିପାଟଣା ସାହିର ମଙ୍ଗଳ ଗୌଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିତେଶ ଲକ୍ଷ୍ମୀ ବସ୍ କଣ୍ଡକ୍ଟରଭାବେ କାମ କରନ୍ତି। ମଙ୍ଗଳ ମଧ୍ୟ ଏକ ଘରୋଇ ବସ୍‌ର କଣ୍ଡକ୍ଟର।

ସୂଚନାନୁଯାୟୀ ନୀତେଶ ଓ ମଙ୍ଗଳ ଏକ ବାଇକ୍(ଓଡି-୨୪ଜେ-୧୭୨୪) ଯୋଗେ ରାତି ପ୍ରାୟ ୧୦ଟା୩୦ରେ ଭଣ୍ଡାରିଗୁଡ଼ା ଗ୍ରାମ ପଞ୍ଚାୟତର ବାମନଦେଇଭଟାରୁ ଉମରକୋଟ ଅଭିମୁଖେ ଆସୁଥିଲେ। ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।୨ ଜଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନୀତେଶଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନାରେ ପରିବାର ପକ୍ଷରୁ ଲିଖିତ ଏତଲା ପରେ ଉମରକୋଟ ପୋଲିସ କେସ୍ ନଂ. ୩୦୯/୨୫ ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍ଆଇ ସୌମେନ୍ଦ୍ର କୁମାର ସେଠ ଘଟଣାର ତଦନ୍ତ କରୁଛନ୍ତି।

## ବାଟରେ ସ୍ତ୍ରୀ, ଡାକ୍ତରଖାନାରେ ସ୍ୱାମୀ ମୃତ

ନବରଙ୍ଗପୁର, (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ତାରାଗାଁ ଛକ ନିକଟ ତାରିଣୀ ମନ୍ଦିର ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ୨ ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୁରୁତରମାନଙ୍କୁ କୋରାପୁଟ ଡାକ୍ତରଖାନା ନିଆଯାଉଥିବା ବେଳେ ନବରଙ୍ଗପୁର ମ୍ୟୁନିସିପାଲିଟି କଲୋନୀର ନନ୍ଦେଇ ଜାନୀଙ୍କ ମୃତ୍ୟୁ ହୋଇଥିଲା। ତେବେ ଶନିବାର ନନ୍ଦେଇଙ୍କ ସ୍ୱାମୀ ମୁକୁନ୍ଦ ଜାନୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ମେଣ୍ଟ୍ରି ଗାଁର ସଲମନ ସୁନାଙ୍କ ଚିକିତ୍ସା ଚାଲିଛି। ସୂଚନାନୁଯାୟୀ, ତାରାଗାଁ ଛକ ନିକଟରେ ଶୁକ୍ରବାର ରାତିରେ ଦୁର୍ଘଟଣାଟି ଘଟିଥିଲା। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଗୁରୁତରଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଉଥିଲା। ବାଟରେ ନନ୍ଦେଇଙ୍କ ମୃତ୍ୟୁ ହୋଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଡାବୁଗାଁ, (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରୀ ଫାଣ୍ଡି ଅଧୀନ କାରାଗାଁ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବିଏସ୍‌ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮)। ସୂଚନାନୁଯାୟୀ, ବିଏସ୍‌ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮) ଓ ବୁଦୁରାମ ଶବର (୩୨) ଶୁକ୍ରବାର ସନ୍ଧ୍ୟାରେ ବାଇକ୍ (ଓଡି-୨୪ଜି-୫୦୬୩)ରେ କାରାଗାଁକୁ ଯାଉଥିଲେ। ଏହି ସମୟରେ କାରାଗାଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ଓଡି-୨୪ଏଫ୍-୯୨୧୪) ସେମାନଙ୍କ ଧକ୍କାଦେଇ ଦ୍ରୁତଗତିରେ ପଳାଇଥିଲା। ଏଥିରେ ତୁଳସୀରାମ ଓ ବୁଦୁରାମ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଅଟୋ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତୁଳସୀରାମଙ୍କ ମୃତ୍ୟୁ ଘଟିଥିଲା। ବୁଦୁରାମଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ମୃତ ତୁଳସୀରାମ ଗଣ୍ଡଙ୍କ ବାପା ଦେବ ଗଣ୍ଡ ଶନିବାର ପୂର୍ବାହ୍ନରେ ଥାନାରେ ଏତଲା ଦେଇଥିଲେ। ଶନିବାର ସିଂସାରୀ ଫାଣ୍ଡି ଅଧିକାରୀ ହରିହର ଭତ୍ରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୦୦/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

